୨୫ ସେପ୍ଟେମ୍ବର ୨୦୧୧

# ପାଠକଙ୍କୁ ଅଭିନନ୍ଦନ, କିନ୍ତୁ

## ଆମ ଘରର ହାଲଚାଲ

ସୌମ୍ୟରଂଜନ ପଟ୍ଟନାୟକ

ଗତ ସପ୍ତାହରେ ଇରମ୍ ଶର୍ମିଲାଙ୍କ ସମ୍ପର୍କରେ 'ସମ୍ବାଦ'ର ସମ୍ପାଦକୀୟ ମନ୍ତବ୍ୟକୁ କେନ୍ଦ୍ର କରି ଅନେକ ପାଠକୀୟ ପ୍ରତିକ୍ରିୟା ଆମ ନିକଟରେ ପହଞ୍ଚିବାରେ ଲାଗିଛି। ଏଥି ମଧ୍ୟରୁ ସଂଖ୍ୟାଧିକ ପ୍ରତିକ୍ରିୟା ଏସ୍ଏମ୍ଏସ୍ ମାଧ୍ୟମରେ ପ୍ରେରିତ ହୋଇଛି। ଆମର ପ୍ରିୟ ପାଠକ ପାଠିକାମାନେ ଉପରୋକ୍ତ ମନ୍ତବ୍ୟକୁ ବିରୋଧ କରି ନିଜର ମତାମତ ଆମକୁ ଜଣାଇଛନ୍ତି। ମୁଁ ପ୍ରସଙ୍ଗଟି ସମ୍ବନ୍ଧରେ ଆମର ଆଭିମୁଖ୍ୟ ଆଉଥରେ ସ୍ପଷ୍ଟ କରିବା ପୂର୍ବରୁ ପ୍ରଥମେ ସମ୍ବାଦର ଗୁଣଗ୍ରାହୀ ପାଠକ ପାଠିକାମାନଙ୍କ ପ୍ରତି ମୋର କୃତଜ୍ଞତା ଓ ଅଭିନନ୍ଦନ ଜଣାଇବାକୁ ଚାହେଁ। ସାଧାରଣରେ ଏକ ଧାରଣା ଅଛି ଯେ କେବଳ ରାଜନୀତି, ଅପରାଧ, ସିନେମା, କ୍ରିକେଟ୍ ଏବଂ ସେଲିବ୍ରେଟୀମାନଙ୍କ ସମ୍ପର୍କିତ ଖବର ହିଁ ପାଠକ ପାଠିକାମାନଙ୍କୁ ଆକର୍ଷିତ କରିଥାଏ। ସମ୍ପାଦକୀୟ ପୃଷ୍ଠା ବହନ କରୁଥିବା ମନ୍ତବ୍ୟ ଏବଂ ଆଲୋଚନା ପ୍ରତି ସୀମିତ ସଂଖ୍ୟକ ପାଠକ ପାଠିକାଙ୍କର ଆଗ୍ରହ ଥାଏ। ଆମେ ବର୍ତ୍ତମାନ ପାଉଥିବା ପ୍ରତିକ୍ରିୟାର ସ୍ରୋତ ତେଣୁ ପ୍ରମାଣ କରୁଛି ଯେ 'ସମ୍ବାଦ'ର ପାଠକ ପାଠିକାମାନେ ହେଉଛନ୍ତି ଏକ ନିଆରା ଶ୍ରେଣୀର। ସେମାନଙ୍କର ବୌଦ୍ଧିକତା ଏବଂ ସାମାଜିକ ସଚେତନତାର ତୀକ୍ଷ୍ଣତା ସେମାନଙ୍କୁ କେବଳ ଆମର ସମ୍ପାଦକୀୟ ମନ୍ତବ୍ୟ ପାଠ କରିବା ପାଇଁ ପ୍ରବୃତ୍ତ କରାଉଛି ତାହା ନୁହେଁ, ଏହି ଆଲୋଚନାରେ ସକ୍ରିୟ ଭାଗ ନେବା ପାଇଁ ମଧ୍ୟ ଉତ୍ସାହିତ କରୁଛି। ଏପରି ଉଚ୍ଚମାନର ପାଠକ ପାଠିକାମାନଙ୍କୁ ପାଇ 'ସମ୍ବାଦ' ଗର୍ବିତ।

ଆମର ହସ୍ତଗତ ହୋଇଥିବା ପ୍ରତିକ୍ରିୟାରୁ ମନେ ହେଉଛି ଆମ ମନ୍ତବ୍ୟର ଉପସ୍ଥାପନା ଶୈଳୀ ଯୋଗୁଁ ଆମର ପାଠକ ପାଠିକାଙ୍କ ମନରେ ଏକ ଅହେତୁକ ଆଶଙ୍କା ସୃଷ୍ଟି ହୋଇଛି ଯେ ଆମେ ମହିଳା ସଶକ୍ତୀକରଣକୁ ବିରୋଧ କରୁଛୁ ଏବଂ ନିର୍ଦ୍ଦିଷ୍ଟ ଭାବରେ ଇରମ୍ ଶର୍ମିଲାଙ୍କର ବିବାହ କରିବାର ଇଚ୍ଛାକୁ ବିରୋଧ କରୁଛୁ। ବାସ୍ତବରେ ସମ୍ପାଦକୀୟ ମନ୍ତବ୍ୟର କେନ୍ଦ୍ରୀୟ ଲକ୍ଷ୍ୟ ଥିଲା ଇରମ୍ ଶର୍ମିଲାଙ୍କର ଏହି ଇଚ୍ଛାକୁ ସମ୍ମାନ ଜଣାଇବା ଏବଂ ସମର୍ଥନ କରିବା। ଆମ ମତରେ ପ୍ରେମ କରିବା ବା ବିବାହ କରିବା ପାଇଁ ଶର୍ମିଲାଙ୍କ ନିଷ୍ପତ୍ତି ତାଙ୍କର ମୌଳିକ ମାନବାଧିକାରର ଅବିଚ୍ଛେଦ୍ୟ ଅଂଶ। ଏହାକୁ ଆହୁରି ମଜବୁତ୍ କରିବା ଉଦ୍ଦେଶ୍ୟରେ ଆମେ ମହିଳା ସଶକ୍ତୀକରଣର ଏକ ସଦ୍ୟତମ ସମାଜତାତ୍ତ୍ୱିକ ଧାରା ସହିତ ତାହାକୁ ସଂଯୁକ୍ତ କରିଥିଲୁ। ମୁଁ ଏଠାରେ ବିନମ୍ର ଭାବରେ ମନେ ପକାଇ ଦେବାକୁ ଚାହେଁ ଯେ ଅତୀତରେ ବହୁବାର ସମ୍ପାଦକୀୟ ମନ୍ତବ୍ୟରେ ଆମେ ନାରୀ ମୁକ୍ତି ଏବଂ ସଶକ୍ତୀକରଣ ଆନ୍ଦୋଳନ ପ୍ରତି ଅକୁଣ୍ଠ ସମର୍ଥନ ଜ୍ଞାପନ କରି ଆସିଛୁ। ଏପରିକି ସନ୍ତାନ ଜନ୍ମ ଏବଂ ମାନବ ଜାତିର ସ୍ଥାୟିତ୍ୱ ବୋଝ କେବଳ ନାରୀମାନଙ୍କୁ ବହନ କରିବାକୁ ପଡୁଥିବାରୁ ରାଷ୍ଟ୍ର ସେଥିପାଇଁ ମାତୃତ୍ୱ ଭତ୍ତା, ନିଯୁକ୍ତି ଏବଂ କର୍ମକ୍ଷେତ୍ରରେ ନାରୀମାନଙ୍କୁ ବିଶେଷ ସୁବିଧା ସୁଯୋଗ ଆଦି ପ୍ରଦାନ କରିବା ସପକ୍ଷରେ ଆମେ ଦୃଢ଼ ଯୁକ୍ତି କରି ଆସିଛୁ।

ନାରୀର ନାରିତ୍ୱକୁ ଦମନ କରିବା ସଶକ୍ତୀକରଣର ଏକ ଅଂଶ ନୁହେଁ ବୋଲି ଆମର ଦୃଢ଼ ମତ। ସନ୍ତାନ ଓ ପରିବାରର ମଙ୍ଗଳ ଓ ସମୃଦ୍ଧି ପାଇଁ ନାରୀର ଭୂମିକାର ବିକଳ୍ପ ନାହିଁ। ଏହି ଭୂମିକା ନିର୍ବାହ କରିବା ସହିତ ନାରୀର ବିଭିନ୍ନ କ୍ଷେତ୍ରରେ ଉପଲବ୍ଧି ପୁରୁଷ ଠାରୁ କୌଣସି ଗୁଣରେ କମ୍ ନୁହେଁ। ଇତିହାସ ସାରା ପୁରୁଷମାନେ ନାରୀମାନଙ୍କୁ ସେମାନଙ୍କ ଅନ୍ତର୍ନିହିତ ଶକ୍ତି ଉପଯୋଗ କରିବାକୁ ସମାନ ସୁଯୋଗ ଦେଇନାହାନ୍ତି। ବର୍ତ୍ତମାନ ସେଇ ବାଛ ବିଚାରରେ ଦ୍ରୁତ ପରିବର୍ତ୍ତନ ଘଟି ନାରୀମାନେ ପୁରୁଷମାନଙ୍କ ସହ ସମାନ ଅଧିକାର ଓ ସୁଯୋଗ ସୁବିଧା ଉପଭୋଗ କରିବାକୁ ଲାଗିଲେଣି। କିନ୍ତୁ ନାରୀ ପୁରୁଷ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ବୋଲି ବିଚାର କରିବା ଉଚିତ ନୁହେଁ; ଉଭୟ ଉଭୟଙ୍କର ପରିପୂରକ। ଇରମ୍ ଶର୍ମିଲା ଯଦି ବିବାହ କରନ୍ତି ତାଙ୍କର ଶକ୍ତିରେ ହ୍ରାସ ଘଟିବ ନାହିଁ, ବରଂ ବୃଦ୍ଧି ଘଟିବାର ସମସ୍ତ ସମ୍ଭାବନା ରହିଛି।

ଶେଷରେ ମୁଁ 'ସମ୍ବାଦ'ର ସୁଧୀ ପାଠକ ପାଠିକାମାନଙ୍କୁ ଏହିଭଳି ବିତର୍କର ଧାରା ବଜାୟ ରଖିବା ପାଇଁ ସାଦର ଅନୁରୋଧ କରୁଛି। ତେବେ ଏସ୍ଏମ୍ଏସ୍ ବା ଟେଲିଫୋନ୍ ମାଧ୍ୟମରେ ନିଜର ମତାମତ ଜଣାଇବା ଅପେକ୍ଷା ସମ୍ବାଦପତ୍ରର ପୃଷ୍ଠାରେ ଏହି ବିତର୍କ ପ୍ରକାଶ କଲେ 'ସମ୍ବାଦ'ର ସମସ୍ତ ପାଠକ ପାଠିକା ଏ ସମ୍ପର୍କରେ ଅବଗତ ହୁଅନ୍ତେ। ତାହା ଆମ ସମାଜର ବୌଦ୍ଧିକ ବାତାବରଣକୁ ବେଶ୍ ଚଳଚଞ୍ଚଳ କରନ୍ତା।